# '' ଏହି ଦୁର୍ଦ୍ଦିନ ସମୟଗୁଡିକରେ ପରମେଶ୍ୱରଙ୍କ ଠାରେ ଭରସା ରଖିବା ''

## କୋରୋନା – ସଂକଟର ପ୍ରତିଫଳନ ଉପରେ ମୁଖ୍ୟପ୍ରେରିତ ଜନ ଲୁକ୍ ସ୍ନାଇଡରଙ୍କ ଏକ ସାକ୍ଷାତକାର ।

*ଜୁରିକ : ସାମ୍ପ୍ରତିକ ଦିନଗୁଡିକରେ ବର୍ତ୍ତମାନ ପ୍ରତ୍ୟେକଙ୍କ ମନରେ କୋରୋନା ଏକ ଚିନ୍ତନୀୟ ବିଷୟ ହୋଇଛି । ପ୍ରତ୍ୟେକ ଦିନ ଦୁଃସମ୍ବାଦର ଖବର ପାଉଛୁ । ନ୍ୟୁ ଆପୋଷ୍ଟୋଲିକ ଚର୍ଚ୍ଚର ମୁଖ୍ୟପ୍ରେରିତ ତତ୍ ସମ୍ପର୍କରେ କଣ କହିବାକୁ ଚାହାଁନ୍ତି? ଆପଣ। ଭାଇ ଓ ଭଉଣୀମାନଙ୍କୁ ଈଶ୍ୱରଙ୍କଠାରେ ଭରସା ରଖିବାକୁ ପରାମର୍ଶ ଦିଅନ୍ତି ।*

**ମୁଖ୍ୟପ୍ରେରିତ ସ୍ନାଇଡର, ସାରା ପୃଥିବୀରେ କୋରୋନା ସଂକଟ ଲୋକଙ୍କ ଶ୍ୱାସକ୍ରିୟାକୁ ସ୍ତବ୍ଧ କରିଦେଇଛି । ଅଦ୍ୟ ତାରିଖରେ ଅନେକ ଲୋକ ବିଭିନ୍ନ ଦେଶରୁ ସଂକ୍ରମିତ ହେବା ସଙ୍ଗେ ସଙ୍ଗେ ଅନେକ ମୃତ୍ୟୁଭୋଗ କଲେଣି । ସାନ୍ତ୍ୱନାର କୌଣସି ବାର୍ତ୍ତା ଆପଣଙ୍କଠାରେ ଅଛି କି?**

ଏହି ସଂକଟକୁ ମୁଁ ଗମ୍ଭିର ଭାବରେ ନେଉଛି । ସାରା ପୃଥିବୀରୁ ଗଣନାନୁସାରେ ୧୧,୪୦୦ ଲୋକ ଏଯାଏଁ ମୃତ୍ୟୁଭୋଗ କଲେଣି । ହାରାହାରି ୨,୭୫,୦୦୦(୨୧ ମାର୍ଚ୍ଚ ୨୦୨୦ ଯାଏଁ) ସଂକ୍ରମିତ ହୋଇଛନ୍ତି । ବର୍ତ୍ତମାନର ସଂଖ୍ୟା ଜାଣିବାକୁ ଦେଖନ୍ତୁ : https://coronavirus.jhu.edu/map.html । ଦୁର୍ଭାଗ୍ୟବଶତଃ ଆହୁରି ଅନେକେ ଏହାର ଶିକାର ହୋଇଥାଇ ପାରନ୍ତି । ଆମ୍ଭେମାନେ ସେମାନଙ୍କ ଦୁଃଖରେ ସହଭାଗି ଅଟୁଁ ଓ ସେମାନଙ୍କ ସକାଶେ ପ୍ରାର୍ଥନା ମଧ୍ୟ କରୁଅଛୁ । ଆମ୍ଭେମାନେ ମଧ୍ୟ ସେମାନଙ୍କ ସକାଶେ ଧନ୍ୟବାଦୀ ଅଟୁ ଯେଉଁମାନେ ସେମାନଙ୍କୁ ସାହାଯ୍ୟ କରିବାକୁ ଉତ୍ସର୍ଗିକୃତ ହୋଇ ଆଗ ଧାଡିରେ ଠିଆ ହୋଇଛନ୍ତି । ଏଭଳି ପରିସ୍ଥିତିରେ ସାହାଯ୍ୟ ନିମନ୍ତେ ପ୍ରସ୍ତୁତ କେତେକ ଲୋକଙ୍କୁ ଦେଖିବା ପ୍ରକୃତରେ ସୁନ୍ଦର ବିଷୟ ।

ଏହା ଏହିଭଳି ଏକ ସମୟ, ନିର୍ଦ୍ଦିଷ୍ଟ ଭାବରେ, ଆମ୍ଭେମାନେ ଆମ ସଭ୍ୟମାନଙ୍କଠାରୁ ଶିଖିପାରିବା, ଯେଉଁମାନେ ଅତୀତରେ ଏଭଳି ଦୁଃଖର ଅନୁଭବ ପାଇଅଛନ୍ତି ।

- ମୋର ଯୋଜନା ଅନୁସାରେ ଆସନ୍ତା ସପ୍ତାହରେ ମୋର ଇଣ୍ଡୋନେସିଆ ଯାତ୍ରା କରିବାର ଥିଲା । ସେହି ଦେଶରେ ୨୫୦୦ ରୁ ଅଧିକ ଲୋକ ଗତ ଦୁଇଟି ଭୂମିକମ୍ପ ଦ୍ୱାରା ପ୍ରାଣ ହରାଇଛନ୍ତି । ଏହି ଦ୍ୱୀପର ବାସିନ୍ଦା ଏହି ଅଦୃଶ୍ୟ ବିପଦରୁ ନିଜକୁ ସୁରକ୍ଷା କରିବାର କୌଣସି ବାଟ ନାହିଁ ।

- ଅନେକ ସମୟରେ ଫ୍ରାନ୍ସରେ କର୍ଫ୍ୟୁ ସକାଶେ ମୋତେ ଘରେ ରହିବାକୁ ପଡେ ଏବଂ ମୁଁ ଏହାର ଅଭିଯୋଗ କରିଥାଏ । ଆଫ୍ରିକାରେ ହଜାର ହଜାର ଲୋକ ଶରଣାର୍ଥୀ ଭାବରେ ତମ୍ବୁରେ ଜୀବନ ବିତାଉଛନ୍ତି – ଅନେକେ ଆମ ସଭ୍ୟ ଅଟନ୍ତି । ଅଳ୍ପ ବହୁତ ସେମାନେ ବନ୍ଦି ଅଟନ୍ତି ।

- ଦୁର୍ଭାଗ୍ୟବଶତଃ କୋରୋନାର ସଂକଟ ଅନେକ ସ୍ଥାନରେ ଆର୍ଥିକ ପରିଣାମ ମଧ୍ୟ ଉପୁଯାଇଅଛି ଏବଂ ଏହା, ଯେପରି ସବୁବେଳେ, ସେମାନଙ୍କୁ ପ୍ରଥମରେ ପ୍ରଭାବିତ କରିବ ଯେଉଁମାନଙ୍କ ପାଖରେ ଅତିକମ୍‌ରେ କିଛି ଅଛି । ଏହା ମତେ ଭାରି ଚିନ୍ତାଗ୍ରସ୍ତ କରେ । ଏଠାରେ କାସାଇ ଅଞ୍ଚଳ (Democratic Republic of Congo) ର ୭୫,୦୦୦ ଆମ ସଭ୍ୟ ଯେଉଁମାନେ ବର୍ଷ ୨୦୧୭ରେ ଗୋଟିଏ ସପ୍ତାହରେ ଆପଣାର ସବୁକିଛି ହରାଇ ଅନ୍ୟଦେଶକୁ ଓ ଜଙ୍ଗଲକୁ ପଳାୟନ କରିଥିଲେ ।

- ହଁ ଏହା ସତ୍ୟ ଯେ ଆମେ ଡିଭାଇନ୍ ସର୍ଭିସ୍ ପାଇଁ ଏକତ୍ରିତ ହୋଇପାରିବା ନାହିଁ । ଏହା ଆଘାତ ଦିଏ । ତଥାପି ଏହିସ୍ଥାନରେ ମୁଁ ପୂର୍ବ ଆଫ୍ରିକାର ଗତ କିଛି ସପ୍ତାହ ତଳେ ଥିଲି ଯେଉଁ ସ୍ଥାନରେ ଖ୍ରୀଷ୍ଟିୟାନମାନଙ୍କୁ ଡିଭାଇନ୍ ସର୍ଭିସ୍ ଯୋଗଦେବା ଦ୍ୱାରା ହତ୍ୟା କରାଯାଇଥିଲା। ।

- ଏବଂ ରୁଷିଆ କିମ୍ବା ଦ୍ୱିପସମୁହରେ ଅବା ଭାଇଭଉଣିଙ୍କ ବିଷୟରେ ମୋତେ ମନେ ପକେଇ ଦିଆଯାଏ ଯେ ସେମାନେ କେତେ ସପ୍ତାହରେ ଥରେ ବା କେଉଁ ମାସରେ ଥରେ ନିୟମିତ ଡିଭାଇନ୍ ସର୍ଭିସ୍‌ର ଆନନ୍ଦ ଉପଭୋଗ କରିବାର ସୁଯୋଗ ପାଇଥାନ୍ତି ।

ମୁଁ କୋରୋନା ସଂକଟର ସକାଶେ ଏହା କହୁନାହିଁ ସମ୍ପୂର୍ଣ୍ଣ ଭାବରେ ବିପରିତ । ମୁଁ କେବଳ ସମସ୍ତଙ୍କୁ ଆହ୍ୱାନ କରିବାକୁ ଚାହେଁ ଯେଭଳି ଏହି ଭାଇଭଉଣିଙ୍କଠାରୁ ଆମେ ଶିଖିବା ଯେଉଁମାନେ ଏଭଳି ପରିସ୍ଥିତିରେ ଏହି ଦେଶରେ ରହୁନ୍ତି । କାହିଁକି ସେମାନେ ଏହିପରି – ରେ ମଧ୍ୟ ଏଭଳି ଦୃଢ଼ ରହିବାରେ ସାମର୍ଥ୍ୟ ଅଟନ୍ତି? କାରଣ ସେମାନେ ଖ୍ରୀଷ୍ଟଙ୍କଠାରେ ଗଭିର ଭାବରେ ବଦ୍ଧମୂଳ ଅଟନ୍ତି । ପ୍ରଭୁଙ୍କ ନିମନ୍ତେ ପ୍ରେମ ତାହା ରହସ୍ୟ ଅଟେ । ଏହି କଷ୍ଟକର ସମୟରେ ଯାହା ଆମେ ଆଜି ଅନୁଭବ କରୁ, ଯେଉଁ ସମସ୍ତ ବିଷୟରେ ଆମେ ସଚେତନ ଅଟୁ ଯେ ଯାହା ଆମଠାରେ ବାସ କରୁଛି ବା ଭାରଗ୍ରସ୍ତ କରିଛି, ସପ୍ତାହ ପରେ ତାହା ସମ୍ପୂର୍ଣ୍ଣ ଭାବରେ ଆମ ପାଇଁ ଗୁରୁତ୍ୱହୀନ ହୋଇଯିବ । ବର୍ତ୍ତମାନ ଆତ୍ମମାନଙ୍କ ମନରେ ଏହି ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ଉଚିତ – ଖ୍ରୀଷ୍ଟଙ୍କ ସହିତ ଆତ୍ମମାନଙ୍କର ସମ୍ପର୍କର ସଂରକ୍ଷଣ !

ଆସୁ ଈଶ୍ୱରଙ୍କ ପ୍ରତି ଆମ ପ୍ରେମରେ ଦୃଢ଼ ହୋଇରହୁଁ । ଯେଉଁମାନେ ତାଙ୍କୁ ପ୍ରେମ କରନ୍ତି ସେମାନଙ୍କୁ ସାହାଯ୍ୟ କରିବାରେ ଏକ ସ୍ୱତନ୍ତ୍ର ପଥ ପ୍ରଭୁ ରଖିଅଛନ୍ତି । ଈଶ୍ୱରଙ୍କ ପ୍ରତିଜ୍ଞା ଚିରସ୍ଥାୟୀ – ସମସ୍ତ ବିଷୟ ଏପରିକି କୋରୋନା ସଂକଟ ସେମାନଙ୍କର ମଙ୍ଗଳ ସାଧନ କରେ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି (ରୋମିୟ ୮:୨୮) ।

**ଏହି ମୁହୂର୍ତ୍ତରେ ଆପଣଙ୍କୁ ଯାତ୍ରା କରିବାକୁ ଅନୁମତି ଦିଆଯାଇନାହିଁ । ପରବର୍ତ୍ତି ଦୁଇ ସପ୍ତାହ ଆପଣ କଣ ଯୋଜନା ରହିଛି?**

ଅଧିକାରୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ପ୍ରତିବନ୍ଧକ ହେତୁ ଆଶନ୍ତା ଏପ୍ରିଲ ୧୦ ପର୍ଯ୍ୟନ୍ତ ମୋର ସମସ୍ତ ଯୋଜନା କରାଯାଇଥିବା ଯାତ୍ରାକୁ ବାତିଲ କରିଅଛି । ବର୍ତ୍ତମାନ କେହି ଜାଣନ୍ତି ନାହିଁ ଏହାପରେ ପରିସ୍ଥିତି କିପରି ଉନ୍ମୋଚନ କରିବ । ଅନ୍ୟମାନଙ୍କ ପରି ମୁଁ ମଧ୍ୟ ବର୍ତ୍ତମାନର ପରିସ୍ଥିତି ସହିତ ଖାପ ଖୁଆଇ ଚଳିବି – କିନ୍ତୁ ମୁଁ ସାହସ ଓ ଆଶା ବିହିନ ନୁହେଁ । ମୁଁ ଜାଣେ ପରମେଶ୍ୱର ଆମ ସହିତ ଅଛନ୍ତି ଓ ସେ ଆପଣା ସନ୍ତାନମାନଙ୍କୁ ପରିତ୍ୟକ୍ତ ହେବାକୁ ଦେବେ ନାହିଁ । ବିଶେଷତଃ କଷ୍ଟକର ପରିସ୍ଥିତିରେ । କେବଳ ସାହସ ଧର : ସବୁକିଛି ଏଭଳି ଚାଲିଥିବ ।

**ବ୍ୟବହାରିକ ଭାବରେ ମାଣ୍ଡଳୀକ ଜୀବନ ଏକ ସ୍ଥିରତାକୁ ପହଞ୍ଚିଛି । ଡିଭାଇନ୍ ସର୍ଭିସ୍ ପରିଚାଳନାର କ୍ୱଚିତ ସମ୍ଭାବନା ଅଛି । ଆମ ଭାଇ ଓ ଭଉଣିଙ୍କୁ ଆପଣ କଣ ପରାମର୍ଶ ଦେବାକୁ ଚାହାନ୍ତି?**

ଘରେ ରୁହନ୍ତୁ ଏବଂ ପରିସ୍ଥିତିର ଯାହା ଉତ୍ତମ ମିଳିପାରେ  ତାହା କରନ୍ତୁ । ଯେଉଁ ସ୍ଥାନରେ ସମ୍ଭବ ଆମ ଜିଲ୍ଲାପ୍ରେରିତମାନେ ଗୃହ ପର୍ଯ୍ୟନ୍ତ ଡିଭାଇନ୍ ସର୍ଭିସ୍ ପ୍ରସାରଣ କରିବାର ବ୍ୟବସ୍ଥା କରୁଛନ୍ତି । କାହିଁକି ଏଭଳି ଏକ ପରିସ୍ଥିତି ହେବାକୁ ପରମେଶ୍ୱର ଅନୁମତି ଦେଲେ ଆମେ ଜାଣିନାହୁଁ । କିନ୍ତୁ ମୁଁ ନିଶ୍ଚିତ ଯେ ଆତ୍ମିକ କ୍ଷତିର ଏହି ସମୟ ଆତ୍ମମାନଙ୍କୁ ଡିଭାଇନ୍ ସର୍ଭିସ୍, ସେବକ, ପବିତ୍ର ପ୍ରଭୁଭୋଜ ଯେ କେତେ ମହତ୍ୱପୂର୍ଣ୍ଣ ତାହା ବୁଝିବାରେ ସାହାଯ୍ୟ କରିବ ।

**କେନ୍ଦ୍ରୀୟ ଡିଭାଇନ୍ ସର୍ଭିସ୍ ପ୍ରସାରଣ ମଧ୍ୟ ପବିତ୍ର ପ୍ରଭୁଭୋଜ ଅନୁଷ୍ଠିତ ହେବ ନାହିଁ?**

ତାହା ସଠିକ ଅଟେ । ଏହି ଡିଭାଇନ୍ ସର୍ଭିସ୍‌ଗୁଡିକ ସାଧାରଣ ଅନୁକ୍ରମ ଅନୁସାରେ କେବଳ ପବିତ୍ର ପ୍ରଭୁଭୋଜ ବିନା ପରିଚାଳିତ ହେବ । ଆମେ ଅଳ୍ପ କେତେ ପବିତ୍ର ପ୍ରଭୁଭୋଜ ପ୍ରତିପାଳନ କରିବୁ ଏହା ଅନୁପଯୁକ୍ତ, ଯେ ହଜାର ହଜାର ଭାଇଭଉଣି ଯେଉଁମାନେ ଗୃହରେ ଥାଇ ପ୍ରସାରଣ ଡିଭାଇନ୍ ସର୍ଭିସ୍‌ରେ ଯୋଗ ଦିଅନ୍ତି ସେମାନେ ପ୍ରଭୁଭୋଜରୁ ବଞ୍ଚିତ ହୋଇଥାନ୍ତି ।

**ମୃତମାନଙ୍କ ସକାଶେ ଡିଭାଇନ୍  ସର୍ଭିସ୍‌ରେ ପ୍ରଭୁଭୋଜ ପ୍ରଦାନ  କରିବା ଅନୁଷ୍ଠିତ ହୋଇପାରିବ କି ଯେଉଁଠାରେ ଦୁଇଜଣ ପ୍ରକ୍ସି ଭାବରେ ଲାଳାୟିତ ଆତ୍ମାମାନଙ୍କ ତରଫରୁ ରୋଟି ଗ୍ରହଣ କରିଥାନ୍ତି?**

ଗତ କିଛି ଦିନ ତଳେ କିଛି ସଂଖ୍ୟାରେ ଭାଇଭଉଣି ଏହି ପ୍ରସ୍ତାବ ଦେଇଥିଲେ । ପରିଚାଳକ ଦୁଇଜଣ ସେବକଙ୍କୁ ପବିତ୍ର ପ୍ରଭୁଭୋଜ ପ୍ରଦାନ କରିବେ, ଯେଉଁମାନେ ସଭ୍ୟମାନଙ୍କ ତରଫରୁ ଗ୍ରହଣ କରୁଥିବା ପକ୍ଷରୁ ଗ୍ରହଣ କରିବେ । ଯତ୍ନପୂର୍ବକ ବିବେଚନା ଓ ୟୁରୋପୀୟ ଜିଲ୍ଲାପ୍ରେରିତମାନଙ୍କ ସହିତ ପରାମର୍ଶ ନେଲି ଯେହେତୁ ପରିଶେଷରେ ସେମାନେ (ୟୁରୋପିୟ ଜିଲ୍ଲାପ୍ରେରିତମାନେ) ହିଁ  ପ୍ରଭାବିତ ହେବେ! ଏହି ପ୍ରସ୍ତାବକୁ ଅନୁକରଣ ନ କରିବାକୁ ମନସ୍ଥ କଲି ।

**କାହିଁକି?**

ପବିତ୍ର ପ୍ରଭୁଭୋଜ ଏକ ସଂସ୍କାର । କ୍ୟାଟିକିଜମ୍ (CNAC 8.2.20)ରେ ଏହାର ପରିତ୍ରାଣ ଜନିତ ପ୍ରଭାବ ବିଷୟରେ ବର୍ଣ୍ଣନା କରାଯାଇଅଛି । ବର୍ତ୍ତମାନ ଆବଶ୍ୟକତା ମୁତାବକ ଏହାର ବିତରଣ ପ୍ରଣାଳୀକୁ ଆମେ ବ୍ୟବହାରିକ ଭାବରେ ପରିବର୍ତ୍ତନ କରିପାରିବୁ ନାହିଁ । ଏହା ପ୍ରେରିତୀୟ ସେବାର ଅଂଶବିଶେଷ ଅଟେ । ନିର୍ଦ୍ଦିଷ୍ଟ ଭାବରେ ମୂଖ୍ୟପ୍ରେରିତଙ୍କର – ପବିତ୍ର ପ୍ରଭୁଭୋଜର ପବିତ୍ରତାକୁ ରକ୍ଷା କରିବା । ଯେତେବେଳେ ମୃତମାନଙ୍କ ସକାଶେ ପବିତ୍ର ପ୍ରଭୁଭୋଜର କଥା ଉଠେ ଆମେ ନିଶ୍ଚିତ ଯେ ଏହି ପରିତ୍ରାଣ ଜନିତ କାର୍ଯ୍ୟ ମୃତମାନଙ୍କ ସକାଶେ ଦେଇପାରିବା କିମ୍ବା ଦିଆଯିବା ଉଚିତ । କେବଳ ତାହା କରିବାକୁ ଗୋଟିଏ ବାଟ ଅଛି ତାହା ଜୀବିତଙ୍କ ଯୋଗଦାନ ଯଦ୍ଦ୍ୱାରା ମୃତମାନଙ୍କ ଆତ୍ମାଗୁଡ଼ିକର ପ୍ରତିନିଧିତ୍ୱ ପ୍ରକାଶ କରାଯାଇପାରେ । କିନ୍ତୁ ଏଭଳି ଉପାୟ ଜୀବିତଙ୍କ ସକାଶେ ପ୍ରଯୁଜ୍ୟ ନୁହେଁ । ଆମ୍ଭେମାନେ ଯାଜକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ବିତରଣ କରାଯାଇଥିବା ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତ ଭୋଜନ ପାନ କରିବା ଉଚିତ (ନ୍ୟୁ ଆପୋଷ୍ଟୋଲିକ ଚର୍ଚ୍ଚର ବିଶ୍ୱାସମତର ସପ୍ତମ ବିଶ୍ୱାସ) ।

**ସମୟ ଆଗରେ ପବିତ୍ରିକୃତ – ରୋଟିର ଉପଲବ୍ଧ କରିବାର କୌଣସି ବାଟ ନାହିଁ?**

ଅନେକ ବର୍ଷରୁ ଆମ ମଣ୍ଡଳୀରେ ଏହି ଅଭ୍ୟାସରେ ଆମେ ପରିଚିତ ଅଟୁ ଯେ ବିଶ୍ୱାସିମାନେ ପବିତ୍ରିକୃତ ରୋଟି ପ୍ରାପ୍ତ ହେବେ ଯଦ୍ଦ୍ୱାରା ସେମାନେ ସେବକଙ୍କ ଅନୁପସ୍ଥିତିରେ ମଧ ପ୍ରଭୁଭୋଜ ପ୍ରତିପାଳନ କରିବ । ଉଦାହରଣ ସ୍ୱରୂପ, ଏହି ଅଭ୍ୟାସ ପାଳନୀୟ ସେବାପତ୍ର ପ୍ରାପ୍ତଙ୍କ ସକାଶେ ଉଦ୍ଦିଷ୍ଟ ଅଟେ । ଯାହା ହେଉ ଏହି ଅଭ୍ୟାସ ମଧ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦେଖାଯାଏ । କିନ୍ତୁ ଏହା କଦାପି ସମ୍ପୂର୍ଣ୍ଣ ବିଧାତାର ସହିତ ବିଶ୍ୱାସିଙ୍କ ସହଭାଗିତାରେ ପ୍ରତିପାଳିତ ପବିତ୍ର ପ୍ରଭୁଭୋଜକୁ ପ୍ରତିସ୍ଥାପନ କରିପାରିବ ନାହିଁ । ଏହା ସ୍ୱଷ୍ଟ ଭାବରେ ଦର୍ଶାଇ ଦେବା ଉଚିତ – ପବିତ୍ର ପ୍ରଭୁଭୋଜ ପ୍ରତିପାଳନ ଯହିଁରେ ଘରେ ଥିବା କେତେକ ବିଶ୍ୱାସି ଜଣେ ବ୍ୟକ୍ତି ତାଙ୍କ ତରଫରୁ ପବିତ୍ରିକୃତ ରୋଟି ଗ୍ରହଣ କରିବା ପର୍ଦାରେ ଦେଖିବା ଦ୍ୱାରା ପ୍ରକୃତ ପବିତ୍ର ପ୍ରଭୁଭୋଜ ପ୍ରତିପାଳନରେ ସେହି ପରିତ୍ରାଣର ପ୍ରଭାବ ସମାନ ନାହିଁ ।

**ବିଶ୍ୱାସିମାନଙ୍କୁ ତାହେଲେ କି ପରାମର୍ଶ ଦେବେ**

ମୁଁ ଜାଣେ ଏହି ମହାମାରୀର ଶେଷ ପର୍ଯ୍ୟନ୍ତ ଅନେକ ସଭ୍ୟ ପବିତ୍ର ପ୍ରଭୁଭୋଜ ବିନା ଏହା କରିବେ । ମୁଁ ସେମାନଙ୍କର ଦୁଃଖରେ ଦୁଃଖିତ, ଯେତେବେଳେ ମୁଁ ମଧ ପରିଶେଷରେ କର୍ଫ୍ୟୁର ପରିଣାମ ସଦୃଶ ଆସନ୍ତା ସୂଚନା ପର୍ଯ୍ୟନ୍ତ ଘରେ ସିମିତ ହୋଇ ରହିବି । ସେ ଯାହାବି ହେଉ ଏହି ଦୁଃଖର ସମୟରେ ପରମେଶ୍ୱରଙ୍କଠାରେ ଭରସା ରଖୁ । ଆପଣା ଭରସା ପରମେଶ୍ୱରଙ୍କ ଉପରେ ରଖୁ – ସେ  ସର୍ବଦା ଜାଣନ୍ତି ପରିତ୍ରାଣ ନିମନ୍ତେ ଯାହା ଅପରିହାର୍ଯ୍ୟ ତାହା ତାଙ୍କୁ ପ୍ରେମ କରୁଥିବା ଲୋକଙ୍କୁ କିଭଳି ପ୍ରଦାନ କରାଯାଏ ।

**ମୂଖ୍ୟ ପ୍ରେରିତ ସ୍ନାଇଡର ଏହି ସାକ୍ଷାତକାର ସକାଶେ ଧନ୍ୟବାଦ ।**

© New Apostolic Church International